www.sakalaepaper.com
ସକାଳ THE SAKALA



# କଟକ ସିଟି

## ଦାଦାବଟି ପାଇଁ ଅପହରଣ
# ଧରାପଡିଲା ଦୁର୍ଦ୍ଦାନ୍ତ ଯୁଗ ଖାନ୍

**କଟକ,୨୫ ।୧(ସମିସ)**

ସଦର ଥାନା ପୁଲିସ ଦାଦାବଟି ପାଇଁ ଜଣେ ବ୍ୟକ୍ତିଙ୍କୁ ଅପହରଣ କରିନେବା ଘଟଣାରେ ଦୁର୍ଦ୍ଦାନ୍ତ ଯୁଗ ଖାନକୁ ଗିରଫ କରିଛି । ସ୍ଥାନୀୟ ବ୍ରାହ୍ମଣୀଝରିଲୋ ବଜାର ସାହିର ଯୁଗ ଓରଫ ବସିର୍ ଖାନ ଦୀର୍ଘ ଦିନ ଧରି ସଦର ଅଞ୍ଚଳରେ ଆତଙ୍କ ଖେଳାଇଥିଲା । ନିକଟରେ ୨ ଜଣ ବ୍ୟକ୍ତିଙ୍କୁ ଅପହରଣ କରିନେଇଥିଲା । ଏହି ମାମଲାରେ ଆଜି ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଛି ।

ପୁଲିସ ସୂଚନା ଅନୁସାରେ, ବାଲିଅନ୍ତା ଥାନା ଅଞ୍ଚଳର ନରେନ୍ଦ୍ର ଦଳେଇ ସଦର ଥାନା ଅନ୍ତର୍ଗତ କୁରୁଣ୍ଟି ମୌଜାରେ ଏକ ଜମି କିଣିଛନ୍ତି । ଗତ କିଛି ଦିନ ତଳେ ସେ ଉକ୍ତ ଜିମରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଏହାର କିଛି ଦିନ ପରେ ହଠାତ ଯୁଗ ପହଞ୍ଚି ନରେନ୍ଦ୍ରଙ୍କୁ ୧୦ଲକ୍ଷ ଟଙ୍କା ଦାଦାବଟି ମାଗିଥିଲା । ଏପରିକି ତୁରନ୍ତ ଟଙ୍କା ନ ଦେଲେ ନିର୍ମାଣ କାର୍ଯ୍ୟ ବନ୍ଦ କରାଇଦେବାର ଧମକ ଦେଇ ତାଙ୍କୁ ମାରଧର କରିଥିଲା । ଘଟଣା ପରେ ନରେନ୍ଦ୍ର କିଛି ଦିନ କାମ ବନ୍ଦ ରଖିଥିଲେ । ପରେ ଗତ ୩ ତାରିଖରେ ସେ ପୁଣି ନିର୍ମାଣ କାମ ଆରମ୍ଭ କରିଥିଲେ । ଏହି ଖବର ପାଇ ଦୁର୍ଦ୍ଦାନ୍ତ ଯୁଗ ତାର ୨ ସହଯୋଗୀଙ୍କୁ ଧରି ସେଠାରେ ପହଞ୍ଚିଥିଲା । ଦାଦାବଟିକୁ ନେଇ ଉଭୟଙ୍କ ଭିତରେ ଯୁକ୍ତିତର୍କ ହେବା ପରେ ଯୁଗ ମାରଣାସ୍ତ୍ର ଦେଖାଇ ନରେନ୍ଦ୍ରଙ୍କୁ ଅପହରଣ କରିନେଇଥିଲା । ଏକ ଶୂନଶାନ ସ୍ଥାନରେ ଥିବା ପରିତ୍ୟକ୍ତ ଘରେ ନରେନ୍ଦ୍ରଙ୍କୁ ବନ୍ଧକ ରଖି ମାରଧର କରି ତୁରନ୍ତ ୫ ଲକ୍ଷ ଟଙ୍କା ଦେବାକୁ କହିଥିଲା । ତେବେ ନରେନ୍ଦ୍ର ପାଖରେ ରଖିଥିବା ୫ ହଜାର ଟଙ୍କା ଓ ଫୋନ ପେ'ରେ ୫ ହଜାର କରି ମୋଟ ୧୦ ହଜାର ଟଙ୍କା ତାକୁ ଦେଇଥିଲେ । ପରେ ୯୦ ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ ସେଠାରୁ ମୁକୁଳିଥିଲେ । ତେବେ ବଳକା ଟଙ୍କା ତୁରନ୍ତ ନ ଦେଲେ ତାଙ୍କୁ ହତ୍ୟା କରାଯିବ ବୋଲି ଯୁଗ ଧମକ ଦେଇଥିଲା । ଘଟଣା ପରେ ନରେନ୍ଦ୍ରଙ୍କ ପୁଅ ରାଜେନ୍ଦ୍ର ଦଳେଇ ଥାନାର ଦ୍ୱାରସ୍ଥ ହୋଇଥିଲେ । ଏହି ଘଟଣାର କିଛି ଦିନ ପରେ ଦୁର୍ଦ୍ଦାନ୍ତ ଯୁଗ କୁରୁଣ୍ଟି ଗାଁର ସୁବାସ ଦାସଙ୍କୁ ଦାଦାବାଟି ପାଇଁ ଧମକଚମକ ଦେଇଥିଲା । ବଟି ନ ଦେଲେ ଅପହରଣର ଧମକ ଦେଉଥିବା ନେଇ ସୁବାସ ଗତ ୨୩ ତାରିଖରେ ଏତଲା ଦେଇଥିଲେ । ଏହି ଦୁଇ ଘଟଣାକୁ ନେଇ ସଦର ଥାନା ପୁଲିସ ଆଇପିସିର ୩୮୭, ୩୪ ଦଫାରେ କେସ ନଂ ୧୨/୨୪ ଏବଂ ୫୫/୨୪ରେ ଦୁଇଟି ମାମଲା ରୁଜୁ କରିଥିଲା । ତେବେ ଯୁଗର ସ୍ଥାୟୀ ଠିକଣାରେ ପୁଲିସ ଚଢଉ କରିଥିଲେ ବି ସେ ଧରାପଡି ନ ଥିଲା । ପ୍ରାୟ ସମୟରେ ସେ ବିଭିନ୍ନ ସ୍ଥାନରେ ଲୁଚି ରହୁଥିଲା । ତେଣୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ପୁଲିସ ବିଭିନ୍ନ ସ୍ଥାନରେ ଚଢଉ କରି ଦୁର୍ଦ୍ଦାନ୍ତ ଯୁଗକୁ ଧରିଥିଲା । ଯୁଗ ନିଜର ବାହୁବଳ ଦେଖାଇ ସଦର ଅଞ୍ଚଳରେ ଦାଦାଗିରି କରୁଥିଲା । କେହି ପ୍ରତିବାଦ କଲେ ରାସ୍ତା ଉପରେ ଲୋକଙ୍କୁ ମାରଧର କରୁଥିଲା । ଫଳରେ କେହି ତା ବିରୋଧରେ ମୁହଁ ଖୋଲୁ ନ ଥିଲେ । ପରେ ୨୦୧୮ ରୁ ଯୁଗ ପେସାଦାର ଅପରାଧୀକ କାର୍ଯ୍ୟରେ ସକ୍ରିୟ ରହିଥିଲା । ବାହାରର ଅପରାଧୀଙ୍କୁ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ କାରବାର, ନିଶାଦ୍ରବ୍ୟ ଚାଲାଣ ସହିତ ଅଞ୍ଚଳରେ ଦାଦାବଟି ଆଦାୟ କରି ଆତଙ୍କ ଖେଳାଇଥିଲା । ଏଭଳି ୨୫ଟି ସଂଗୀନ ମାମଲା ତା' ବିରୋଧରେ କେବଳ ସଦର ଥାନାରେ ପୂର୍ବରୁ ରହିଛି । ଏଥିରୁ ୨ଟି ମାମଲାରେ ଯୁଗ ୱାଣ୍ଟେଡ ଥାଇ ଫେରାର ରହିଥିଲା ।



# ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ



**କଟକ,୨୫ ।୧(ସମିସ):** ଦରଖାପାଟଣାସ୍ଥିତ କୁସୁମଦେବୀ ସତ୍‌ସଙ୍ଗ ମହିଳା ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଏବଂ ଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି । ଯୁକ୍ତ-୨ କଲେଜର ଅଧକ୍ଷା ଡ. ସ୍ନେହଲତା ଜେନା ଓ ଯୁକ୍ତ-୩ କଲେଜର ଅଧକ୍ଷା ଡ. ଲୋପାମୁଦ୍ରା ଦାସ ନାୟକଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଜଗନ୍ନାଥ ସଂସ୍କୃତିର କଥା ସେବକ ଓ ଚାରଣ ଗୋଷ୍ଠୀର ସଦସ୍ୟ ତରଣୀସେନ୍ ଲେଙ୍କା ଜଗନ୍ନାଥ ସଂସ୍କୃତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଯୁକ୍ତ-୨ର ନୋଡାଲ୍ ଅଫିସର ରଞ୍ଜିତା ପାତ୍ର ଏବଂ ଯୁକ୍ତ-୩ର ନୋଡାଲ୍ ଅଫିସର ମାମାରାଣୀ ରାଉତ, ଦେବସ୍ମିତା ମହାନ୍ତି ଓ ଡ. ସସ୍ମିତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସରପ୍ରସାଦ ତ୍ରିପାଠୀ ଓ ହୈମବତୀ ଦ୍ୱିବେଦୀ ମଞ୍ଚ ପରିଚାଳନା କରିଥିଲେ । ସୁରପ୍ରସାଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ଅନସାରୁଲା ଅହମଦୀୟା କାର୍ଯ୍ୟକାରିଣୀ ବୈଠକ



**ଟିଗିରିଆ,୨୫ ।୧(ସମିସ):** ଟିଗିରିଆ ବ୍ଲକ ଜେମାଦେଇପୁର ପଞ୍ଚାୟତ ଅଧୀନ ପଙ୍କାଳ ଜାମା ମସଜିଦ ପରିସରରେ ଗୁରୁବାର ଜିଲ୍ଲାସ୍ତରୀୟ ଅନସାରୁଲା ଅହମଦୀୟା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କଟକ, କେନ୍ଦ୍ରାପଡା ଓ ଢେଙ୍କାନାଳ ଜିଲ୍ଲାର ଅନସାରୁଲ୍ଲାମାନେ ଯୋଗଦେଇଥିଲେ । କଟକ ଜିଲ୍ଲା ଅନସାରୁଲା ସଂପ୍ରଦାୟର ସଭାପତି ଜନାବ ଅବଦୁଲ ମାଲିକ ଖାଁଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଉପସ୍ଥିତ ଅନସାରୁଲା ମାନେ ସାମୁହିକ ନମାଜ ପାଠ ଓ ପବିତ୍ର କୋରାନ ପାଠ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ରୁପେ ମଜଲିସ୍ ଅନସାରୁଲା ପୂର୍ବ ଭାରତର ଉପସଭାପତି ଜନାବ୍ ମହମ୍ମଦ ସଫାରତ ସାହେବ, ପାବରୁ ଆସିଥିବା ନାଜର ଜନାବ ରଫିକ ଅହମ୍ମଦ ବେଗ ସାହେବ ଯୋଗଦେଇଥିଲେ । ଅନସାରୁଲ୍ଲା (ବୃଦ୍ଧ ସଂପ୍ରଦାୟ) ସଂଗଠନରେ ସୁଧାର ଆଣିବା, ସେମାନଙ୍କୁ ସର୍ବଦା କାର୍ଯ୍ୟକ୍ଷମ ଅଥବା ଫିଟ ରଖିବା ଏବଂ ଜମାତ ଅହମ୍ମଦିୟାର ପ୍ରଚାର ଦିଗରେ ଅନସାରୁଲ୍ଲାମାନେ ଅନ୍ୟମାନଙ୍କ ଆଦର୍ଶ ସାଜିବା ନିତ୍ୟାନ୍ତ ଜରୁରୀ ବୋଲି ପୂର୍ବ ଭାରତ ଉପସଭାପତି ସଫାରତ ସାହେବ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲା ଅନସାରୁଲା ସଭାପତି ମୌଲବି ହାରୁନ୍ ରସିଦ, ଜିଲ୍ଲା ମୋବଲିକ ଇନଚାର୍ଜ ହଲିମ ଅହେମ୍ମଦ ସାହେବ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଗ୍ରାମ୍ୟ କମିଟି ସଭାପତି ଇସମାଇଲ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଢୁଛି ମହାନଦୀରେ ମାଛ ଉତ୍ପାଦନ

## ଛଡ଼ାଗଲାଣି ୧୨ଲକ୍ଷରୁ ଅଧିକ ଯାଆଁଳ

**କଟକ,୨୫ ।୧(ସମିସ):** କଟକ ଜିଲ୍ଲା ମାଛ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇନଥିଲେ ମଧ ଜିଲ୍ଲାରେ ନଦୀ,ନାଳ ଓ ଜଳାଶୟରୁ ଉତ୍ପାଦନ ବୃଦ୍ଧି ପାଇଛି । ଫଳରେ ବାହାର ରାଜ୍ୟ ଉପରେ ନିର୍ଭରଶୀଳତା କମିଛି । ଏହି କ୍ରମରେ ନଦୀ ଜଳରେ ମାଛ ଉତ୍ପାଦନ ବୃଦ୍ଧି ପାଇଁ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଯୋଜନା କରାଯାଇଛି । ବିଗତ ଦୁଇ ବର୍ଷ ଧରି ମାଛ ଯାଆଁଳ ଗୁଡିକୁ ମହାନଦୀରେ ଛଡାଯାଇଆସୁଛି । ଏହା ଦ୍ୱାରା ମହାନଦୀରେ ମାଛ ଉତ୍ପାଦନ ବୃଦ୍ଧି ପାଉଥିବା ମଧ ବିଭାଗର ଅଧିକାରୀ କହିଛନ୍ତି । କଟକ ମହାନଦୀରେ ବିଗତ ଦୁଇବର୍ଷ ମଧ୍ୟରେ ପ୍ରାୟ ୧୨ଲକ୍ଷରୁ ଅଧିକ ମାଛ ଯାଆଁଳ ଛଡାଗଲାଣି । ପୂର୍ବରୁ ଆନ୍ଧ୍ରପ୍ରଦେଶରୁ ଆମଦାନୀ ହେଉଥିବା ମାଛ ଉପରେ କଟକ ଜିଲ୍ଲାର ବିଭିନ୍ନ ସହରାଞ୍ଚଳ ସହିତ ଗାଁ ଲୋକେ ନିର୍ଭର କରିଆସୁଥିଲେ । ମାଛ ଚାଷ ଏକ ଲାଭଜନକ ଚାଷ ଭାବେ ବିବେଚିତ ହେବା ସହ ବିକ୍ରି ପାଇଁ ଉପଯୁକ୍ତ ବଜାର ଉପଲବ୍ଧ ହେବାରୁ କ୍ରମଶଃ ଦେଶୀ ମାଛ ଚାଷ ପରିସର ଜିଲ୍ଲାରେ ବୃଦ୍ଧି ପାଉଥିବା ଜଣାପଡିଛି । ଏଥିପାଇଁ ଆନ୍ଧ୍ର ମାଛର ଚାହିଦା ବିଗତ ତିନି ଚାରିବର୍ଷ ମଧ୍ୟରେ ଅହେତୁକ ହ୍ରାସ ପାଇଥିବା ବ୍ୟବସାୟୀ ମାନେ କୁହନ୍ତି ।



ଏପରିକି ଜିଲ୍ଲାରେ ପ୍ରାୟ ୨୦୦ରୁ ଅଧିକ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମଧ ମାଛ ଚାଷ କରିଆସୁଛନ୍ତି । ସେହିପରି ଦୁଇବର୍ଷ ହେଲାଣି ମହାନଦୀରେ ମାଛ ଯାଆଁଳ ଛଡାଯିବା ଦ୍ୱାରା ନଦୀରୁ ମାଛ ଉତ୍ପାଦନ ବି ବଢିଛି । ମାଛ ଚାଷ ହେଉନଥିବା ଜଳରାଶି ତଥା ନଦୀ,ଜୋର ଆଦି ପ୍ରାକୃତିକ ଉତ୍ସରୁ ଆଗରୁ ଯେତିକି ମାଛ ଉତ୍ପାଦନ ହେଉଥିଲା ଏବେ ତାହା ଦୁଇଗୁଣା ହୋଇଛି । କଟକର ନରାଜ,ମୁଣ୍ଡଳୀ,ଯୋବ୍ରା,ଜଗତପୁର ଆଦି ଅଞ୍ଚଳ ନଦୀରୁ ମାଛ ଉତ୍ପାଦନ ଆଶାଜନକ ହେଲାଣି । ଏବେ ଏହି ସବୁ ଉତ୍ସରୁ ପ୍ରାୟ ୪ହଜାର ଟନ ମାଛ ବର୍ଷକୁ ଉତ୍ପାଦନ ହେଉଥିବା କୁହାଯାଇଛି । କଟକର ଦେଶୀ ମାଛ ବଜାର କୁହାଯାଉଥିବା ଏହି ପ୍ରମୁଖ ସ୍ଥାନରେ ଗ୍ରାହକଙ୍କ ଗହଳି ପରିଲକ୍ଷିତ ହୋଇଛି । ବିଶେଷକରି ମହାନଦୀ, କାଠଯୋଡି ନଦୀରୁ ସ୍ଥାନୀୟ ମାଛଧରାଳି ମାନେ ମାଛ ଧରି ବେପାର କରିଆସୁଛନ୍ତି । ୧୦ବର୍ଷ ପୂର୍ବରୁ ମାଛ ଉତ୍ପାଦନ ଜିଲ୍ଲାରେ ବାର୍ଷିକ ୧୦ହଜାର ଟନରେ ସୀମିତ ରହିଥିଲା ବେଳେ ଏବେ ପ୍ରାୟ ୨୭ହଜାର ମେଟ୍ରିକ ଟନ୍ ଉତ୍ପାଦନ ହେଲାଣି । କିନ୍ତୁ ବାର୍ଷିକ ହାରାହାରି ୩୨ହଜାର ମେଟ୍ରିକ ଟନ ମାଛ ଆବଶ୍ୟକ ପଡୁଛି । ଜିଲ୍ଲାରେ ମାଛ ଚାଷ ପାଇଁ କିନ୍ତୁ ଆବଶ୍ୟକ ଯାଆଁଳ ଉପଲବ୍ଧ ହୋଇପାରୁନଥିବା ଜଣାପଡିଛି । ଜିଲ୍ଲାର ଯାଆଁଳ କେନ୍ଦ୍ର ଗୁଡିକ ଅତି ବେଶୀରେ ବାର୍ଷିକ ୧୫ରୁ୨୦ ଲକ୍ଷ ଯାଆଁଳ ଯୋଗାଉଥିବା ବେଳେ ଏହାର ୧୦ଗୁଣା କିନ୍ତୁ ଆବଶ୍ୟକ ପଡୁଥିବା କୁହାଯାଉଛି । ଚାଷୀ ମାନଙ୍କୁ ଯେଉଁଥିପାଇଁ କୋ÷ଶଲ୍ୟାଗଙ୍ଗା ଉପରେ ନିର୍ଭର କରିବାକୁ ପଡୁଛି ।

# ଡ୍ରିମ୍ସ ଅଧ୍ୟକ୍ଷଙ୍କ ମନ୍ଦିର ପରିଦର୍ଶନ



**କଟକ,୨୫।୧(ସମିସ):** ଅଯୋଧ୍ୟାରେ ରାମଲାଲାଙ୍କ ମନ୍ଦିର ଓ ବିଗ୍ରହ ପ୍ରାଣପ୍ରତିଷ୍ଠା ଉପଲକ୍ଷେ ଟାଙ୍ଗୀ କୋଟସାହି ରାମ ମନ୍ଦିରରେ ବିଶେଷ ଉତ୍ସବ ଆୟୋଜିତ ହୋଇଯାଇଛି । ପ୍ରତ୍ୟୁଷରୁ ଭକ୍ତ ଓ ଶ୍ରଦ୍ଧାଳୁ ମନ୍ଦିରକୁ ଆସି ଶ୍ରୀରାମଙ୍କୁ ଦର୍ଶନ ସହ ଭୋଗ, ନୈବେଦ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ହନୁମାନ ଚାଳିଶା ପାରାୟଣ, ଭଜନ କୀର୍ତ୍ତନ ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉତ୍ସବରେ ଯୋଗଦେବା ସହ ଠାକୁରଙ୍କୁ ଦର୍ଶନ ଓ ଦୀପଦାନ କରିଥିଲେ । ଏହି ଅବସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଡ. ରଥଙ୍କୁ ଅଙ୍ଗ ବସ୍ତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏହାପରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିସର ସ୍ଥିତ ଶ୍ରୀ ସଂକଟମୋଚନଙ୍କ ମନ୍ଦିରକୁ ଯାଇ ଡ. ରଥ ପୂଜାର୍ଚ୍ଚନା କରିଥିଲେ । ସନ୍ଧ୍ୟାରେ ଛାତ୍ରଛାତ୍ରୀ ଦୀପ ଜାଳି ଉତ୍ସବ ପାଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କ ସମେତ ବରିଷ୍ଠ ପଦାଧିକାରୀ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ ।

# କଟକ କଲେଜରେ ଜାତୀୟ ମତଦାତା ଦିବସ

**କଟକ,୨୫ ।୧(ସମିସ):** ବିଦ୍ୟାଧରପୁରସ୍ଥିତ କଟକ ମହାବିଦ୍ୟାଳୟରେ ୧୪ ତମ ଜାତୀୟ ମତଦାତା ଦିବସ କଲେଜ ଅଧକ୍ଷା ଡକ୍ଟର ପ୍ରଣତୀ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅଧକ୍ଷା ଡକ୍ଟର ପଟ୍ଟନାୟକ ଉପସ୍ଥିତ ସମସ୍ତ ବିଦ୍ୟାର୍ଥୀଙ୍କୁ ନିରପେକ୍ଷ ଓ ନିର୍ଭିକ ମତଦାନ ନିମନ୍ତେ ଶପଥ ପାଠ କରାଇଥିଲେ । ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ପ୍ରଦୀପ୍ତ ପାଣ୍ଡି, ରେଡ୍‌କ୍ରସ୍ ଅଧିକାରୀ ଅଧ୍ୟାପକ ପ୍ରଦୀପ୍ତ ମିଶ୍ର, ଏନ୍‌ସିସି କାର୍ଯ୍ୟନିର୍ବାହୀ ସରୋଜ ଦାସ, ହେଡ୍ କ୍ଲର୍କ୍ ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡା, ଅଧ୍ୟାପିକା ଦୀପାଞ୍ଜନା ପ୍ରିୟଦର୍ଶିନୀ, ଅଧ୍ୟାପିକା ରଶ୍ମୀ ଦାଶ ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ରେଡ୍‌କ୍ରସ୍ ଓ ଏନ୍‌ସିସି ୟୁନିଟ୍ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




# ବାଇକ୍ ଚୋର ଗିରଫ

**କଟକ,୨୫ ।୧(ସମିସ):** ଓଏସଏପି ପରିସରରୁ ଜଣେ ପୁଲିସ କର୍ମଚାରୀଙ୍କ ଗାଡି ନେଇ ପଳାଇଯାଇଥିବା ଚୋରକୁ ଗୁରୁବାର ଗିରଫ କରିଛି ଚାଉଳିଆଗଞ୍ଜ ଥାନା ପୁଲିସ । ଅଭିଯୁକ୍ତ ଜଣକ ହେଲା ବିଡ଼ାନାସୀ ଅଞ୍ଚଳର ପୂର୍ଣ୍ଣେନ୍ଦୁ ମହାନ୍ତି । ପେସାରେ ସେ ଜଣେ ବସ୍ କଣ୍ଡକ୍ଟର । ତାକୁ କୋର୍ଟଚାଲାଣ ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଶଶୀକାନ୍ତ ରାଉତ ସୂଚନା ଦେଇଛନ୍ତି । ଅଭିଯୋଗକାରୀ ଅରୁଣ କୁମାର ନାହକ ଓଏସଏପିରେ ଡ୍ରାଇଭର ହାବିଲଦାର ଭାବେ କାର୍ଯ୍ୟ କରନ୍ତି । ୩ ଦିନ ପୂର୍ବେ ସେ ତାଙ୍କର ସ୍କୁଟିଗାଡିକୁ ବାଟାଲିୟନର ଅଫିସର୍ସ ଗେଷ୍ଟ ହାଉସ ପରିସରରେ ରଖିଥିଲେ । ସକାଳେ ସେଠାରେ ତାଙ୍କର ଗାଡିଟି ନଥିଲା । ସେ ଆଖପାଖରେ ଖୋଜାଖୋଜି କରିଥିଲେ । ହେଲେ କେଉଁଠାରେ ଗାଡିର ସନ୍ଧାନ ନ ପାଇବାରୁ ଘଟଣା ସଂକ୍ରାନ୍ତରେ ଥାନାରେ ଏତଲା ଦେଇଥିଲେ । ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିବା ସହିତ ମୁଖ୍ୟ ରାସ୍ତାରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ ଯାଞ୍ଚ କରିବାରୁ ପୂର୍ଣ୍ଣେନ୍ଦୁକୁ ଚିହ୍ନଟ କରିବାରେ ସକ୍ଷମ ହୋଇଥିଲା ।




# ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ

**କଟକ,୨୫ ।୧(ସମିସ):** ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ସାରଳା ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ନରହରି ସେଠୀ ଯୋଗଦେଇ ଅବାଧ, ନିରପେକ୍ଷ ମତଦାନ କରିବାକୁ ଯୁବ ଭୋଟରମାନଙ୍କୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ସଦର ସବକଲେକ୍ଟର କମଳଜିତ୍ ଦାସ, ସିଏମ୍‌ସି ଡେପୁଟି କମିସନର ଶ୍ୱେତପଦ୍ମା ଶତପଥୀ, ଯୁଗ୍ମ କମିଶନର ଅନୀତା ପାତ୍ର ଯୋଗଦେଇ ଯୁବ ଭୋଟରମାନେ ନିର୍ବାଚନରେ ମତଦାନ ସାବ୍ୟସ୍ତ କରିବାକୁ କହିଥିଲେ । ଡେପୁଟି କଲେକ୍ଟର ଡ. ବିଶ୍ୱ ଭୂଷଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟରେ ଭଲ ପ୍ରଦର୍ଶନ କରିଥିବା ବୁଥ ଲେଭେଲ ଅଫିସର, ସୁପରଭାଇଜରଙ୍କ ସମେତ ଅନ୍ୟ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ନୂତନ ଯୁବ ମତଦାତାମାନଙ୍କୁ ଭୋଟର ପରିଚୟ ପତ୍ର ବଣ୍ଟନ କରାଯାଇଥିଲା । ନୂତନ ଭୋଟରମାନଙ୍କୁ ଇଭିଏମ୍ ମେସିନ୍ ବ୍ୟବହାର ବାବଦରେ ତାଲିମ ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ବାରବାଟୀ ପ୍ୟାଲେସ ନିକଟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସାରଳା ଭବନ ପର୍ଯ୍ୟନ୍ତ ଯାଇଥିଲା । ଏହି ଶୋଭାଯାତ୍ରାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ଜିଲା ପ୍ରଶାସନର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ ।



# କଟକ ଗ୍ରୁପ୍ ଏନସିସି କ୍ୟାଣ୍ଟିନ ସମ୍ପ୍ରସାରଣର ଶୁଭ ଉଦ୍‌ଘାଟନ

**କଟକ,୨୫।୧(ସମିସ):** ପ୍ରତିଦିନ ରାଜ୍ୟର କୋଣ ଅନୁକୋଣରୁ କଟକ ଗ୍ରୁପ ଏନସିସି କ୍ୟାଣ୍ଟିନକୁ ଆସୁଥିବା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସେନାବାହିନୀ ସହିତ ସଂଶ୍ଳିଷ୍ଟ କର୍ମଚାରୀମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି କ୍ୟାଣ୍ଟିନ ପରିସରରେ ଅତ୍ୟାବଶ୍ୟକ ସେବା ସାମଗ୍ରୀର ସମ୍ପ୍ରସାରଣ ଭଣ୍ଡାର ଉଦଘାଟିତ ହୋଇଯାଇଛି । କଟକ ଗ୍ରୁପ ଏନସିସିର ଗ୍ରୁପ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଉଦଘାଟକ ଭାବରେ ଓଡ଼ିଶା ଏନସିସି ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ଜେନେରାଲ କମାଣ୍ଡର ଜେ. ସୁରେଶ ଯୋଗଦେଇଥଲେ । ଉକ୍ତ କାର୍ଯ୍ୟକ୍ରମକୁ କଟକ ଗ୍ରୁପର ଟ୍ରେନିଙ୍ଗ ଅଧିକାରୀ ଲେଫ୍ଟେନାଣ୍ଟ କର୍ଣ୍ଣେଲ ଅକ୍ଷୟ ଦାଶ ପରିଚାଳନା କରିଥବା ବେଳେ ଅନ୍ୟାନ୍ୟ ସାମରିକ କର୍ମଚାରୀ, କ୍ୟାଣ୍ଟିନ କର୍ମଚାରୀମାନେ ଉପସ୍ଥିତ ଥିଲେ ।







# କଟକ ସିଟି

## ବଦଳିଲା କଟକ ୟୁପିଡିର ରୂପରେଖ

# ଆଇନଶୃଙ୍ଖଳା ସମ୍ଭାଳିବ ପୁଲିସର ନୂଆ ଟିମ୍

**କଟକ, ୨୫ ।୧(ସମିସ)**

କମିଶନରେଟ୍ ପୁଲିସରେ ବ୍ୟାପକ ଅଦଳବଦଳ ହୋଇଥିବା ବେଳେ କଟକ ୟୁପିଡି ପାଇଛି ଏକ ଅଭିଜ୍ଞ ଓ ନୂଆ ଟିମ୍ । ଗତ ୬ ମାସ ହେବ ବାଦାମବାଡି, ମର୍କତନଗର, ଦରଘାବଜାର, ଫେଜ୍-୨ ଓ ମାଲଗୋଦାମ ଥାନା ଅଧିକାରୀ ବଦଳିଥିଲେ । ଏମାନେ କଟକ ସହର ପାଇଁ ନୂଆ । ଏବେ ଚାଉଳିଆଗଞ୍ଜ, ଜଗତପୁର, ସଦର, ମଧୁପାଟଣା, ମହିଳା ଥାନା, ବିଡାନାସୀ, କ୍ୟାଣ୍ଟନମେଣ୍ଟ, ମଙ୍ଗଳାବାଗ ଆଇଆଇସିଙ୍କ ବଦଳି କରାଯାଇଛି । ଏମାନଙ୍କ ସ୍ଥାନରେ ଆସିଥିବା ଅଧିକାରୀମାନେ କଟକ ସହର ପାଇଁ ସମ୍ପୂର୍ଣ୍ଣ ନୂଆ ବୋଲି ଚର୍ଚ୍ଚା ହେଉଛି ।

ଅନ୍ୟପଟେ ଟୁଇନ୍ ସିଟିର ପୁଲିସ ମୁଖିଆ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ବଦଳରେ ସଞ୍ଜୀବ ପଣ୍ଡା ଦାୟିତ୍ୱ ନେଇଛନ୍ତି । କଟକ ଡିସିପି ଭାବେ ଡାକ୍ତର କନୱର ବିଶାଲ୍ ସିଂହ ଅବସ୍ଥାପିତ ହୋଇଛନ୍ତି । ତେବେ କଟକ ୟୁପିଡିର ଏହି କଳେବରକୁ ଲକ୍ଷ୍ୟ କଲେ ଜଣାପଡେ, ଏକ ନୂଆ ଟିମ୍ ଏବେ କଟକ ସହରର ଆଇନଶୃଙ୍ଖଳା ପରିସ୍ଥିତିକୁ ସମ୍ଭାଳିବେ । ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତା ଦୃଷ୍ଟିରୁ ଯଦିଓ ଏହି ଅଫିସରମାନଙ୍କ ନାଁ ସର୍ବାଗ୍ରେ ରହିଛି, ତଥାପି କଟକ ଭଳି ଏକ ସମ୍ବେଦନଶୀଳ ସହରରେ ଆଇଶୃଙ୍ଖଳା ପରିସ୍ଥିତିକୁ ସଜାଡିବା ନିହାତି ଭାବେ ଚ୍ୟାଲେଞ୍ଜିଂ ରହିବ । ସେହିପରି କଟକ ୟୁପିଡିରୁ ୨ ଜଣ ଏଡିସିପି ଓ ୬ ଜଣ ଏସିପିଙ୍କ ବଦଳି କରାଯାଇଛି । ଏଡିସିପି (ଆଇୟୁସିଏଡବ୍ଲ୍ୟୁ) କୃଷ୍ଣପ୍ରସାଦ ଦାସ, ଏଡିସିପି (ଇଏମ୍) ସରିଫ୍ ଉଦ୍ଦିନ୍‌ଙ୍କୁ ଭୁବନେଶ୍ୱର ୟୁପିଡିକୁ ବଦଳି କରାଯାଇଛି । କଟକ ୟୁପିଡିରେ କାର୍ଯ୍ୟରତ ଏସିପି ସତ୍ୟରଞ୍ଜନ ମଲ୍ଲିକ, ଏସିପି ପ୍ରଣିତା ପଟ୍ଟନାୟକ, ଏସିପି ଅମିତାଭ ମହାପାତ୍ର, ଏସିପି ତାପସରଞ୍ଜନ ପ୍ରଧାନ ଓ ଏସିପି ଶୁଭ୍ରଜିତ୍ ମଙ୍ଗରାଜ୍‌ଙ୍କୁ ଭୁବନେଶ୍ୱର ୟୁପିଡିକୁ ବଦଳି ହୋଇଛି । ଏହି ଏସିପିଙ୍କ ଦୀର୍ଘଦିନର କଟକକୁ ନେଇ ଅଭିଜ୍ଞତା ରହିଥିଲା । ଏମାନଙ୍କ ସ୍ଥାନକୁ ଆସିଥିବା ଏସିପି ମାନେ ବର୍ତ୍ତମାନ କେଉଁଭଳି ଦାୟିତ୍ୱ ସମ୍ଭାଳୁଛନ୍ତି, ତାହାକୁ ନେଇ ପୁଲିସ ଅଫିସରଙ୍କ ମହଲରେ ଏବେଠାରୁ ଚର୍ଚ୍ଚା ଜୋର୍ ଧରିଛି । ପ୍ରକାଶ ଥାଉ କି, ଚାଉଳିଆଗଞ୍ଜ ଥାନା ଆଇଆଇସି ଶଶୀକାନ୍ତ ରାଉତଙ୍କ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କୁ ବଦଳି କରାଯାଇଛି । ସେହିପରି ଜଗତପୁର ଥାନାରେ ଦୀର୍ଘଦିନ ଧରି ରବୀନ୍ଦ୍ରନାଥ ମେହେର୍ ରହିଥିଲେ । ତାଙ୍କ ସ୍ଥାନକୁ ଓମପ୍ରକାଶ ମହାନ୍ତିଙ୍କୁ ଅଣାଯାଇଛି । ମଧୁପାଟଣା ଥାନା ଆଇଆଇସି ତୁଷାରକାନ୍ତ ସେଠୀଙ୍କୁ ବଦଳି କରାଯାଇଛି । ଏହି ସ୍ଥାନରେ ଚିତ୍ତରଞ୍ଜନ ରାଉତଙ୍କୁ ଅବସ୍ଥାପିତ କରାଯାଇଛି । ସଦର ଥାନାକୁ ଆଇଆଇସି ଜଗନ୍ନାଥ ମଲ୍ଲିକ, ମଙ୍ଗଳାବାଗ ଥାନାକୁ ଉମାକାନ୍ତ ସାହୁ, ବିଡାନାସୀ ଥାନାକୁ ଯୁବରାଜ ସ୍ୱାଇଁ ଏବଂ ମହିଳା ଥାନାକୁ ଭାଗ୍ୟଶ୍ରୀ ସ୍ୱାଇଁଙ୍କ ବଦଳି ହୋଇଛି । ମୋଟାମୋଟି ଭାବେ ୬ମାସ ପୂର୍ବରୁ ବଦଳିଥିବା ଆଇଆଇସି ଓ ଗତକାଲି କଟକ ୟୁପିଡିକୁ ଆସିଥିବା ଆଇଆଇସି କଟକ ସହର ପାଇଁ ନୂଆ । ଏକ ଅଭିଜ୍ଞ ଓ ନୂଆ ଟିମ୍‌କୁ ନେଇ ନୂତନ ଡିସିପି ଶ୍ରୀ ସିଂହ କଟକ ୟୁପିଡିର ମଙ୍ଗ ଧରିବେ । ଆଗାମୀ ସାଧାରଣ ନିର୍ବାଚନରେ ଏହି ନୂତନ ଟିମ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ । ଅନ୍ୟପଟେ କଟକକୁ ଆସିଥିବା ଡିସିପି ଶ୍ରୀ ସିଂହ ପୂର୍ବରୁ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପୁଲିସ ପଦରେ ସୂଚାରୁ ରୂପେ ଦାୟିତ୍ୱ ତୁଲାଇଛନ୍ତି । ୨୦୧୦ ବ୍ୟାଚର ଏହି ଆଇପିଏସ ଅଧିକାରୀ ବାଲିଗୁଡାର ଏସଡିପିଓ, କନ୍ଧମାଳ ଏସ୍‌ପି, ନୟାଗଡ଼ ଏସ୍‌ପି, କୋରାପୁଟ ଓ ସମ୍ବଲପୁର ଏସ୍‌ପି ଭାବେ କାର୍ଯ୍ୟ ନିର୍ବାହ କରି ପୁରୀ ଏସ୍‌ପି ଭାବେ କାର୍ଯ୍ୟ କରୁଥିଲେ । ଅପରାଧିଙ୍କୁ ସାବାଡ୍ କରିବାରେ ତାଙ୍କର ରେର୍କର୍ଡ ଭଲ ରହିଛି । ଗଞ୍ଜେଇ ମାଫିଆଙ୍କୁ ଗିରଫ କରିବା ହେଉ କିମ୍ବା ମାଓବାଦୀଙ୍କୁ ଏନ୍‌କାଉଣ୍ଟର୍, ସବୁଥିରେ ଡିସିପି ଶ୍ରୀ ସିଂହ ଧୂରନ୍ଦର । କଟକ ଆଇଶୃଙ୍ଖଳା ସମ୍ଭାଳିବା ଦାୟିତ୍ୱ ତାଙ୍କ ଉପରେ ଦିଆଯିବା ପରେ ଅପରାଧି ମହଲରେ କୋକୁଆ ଭୟ ସୃଷ୍ଟି ହୋଇଛି ।




**ମଙ୍ଗଳାବାଗ, ମଧୁପାଟଣା, ଚାଉଳିଆଗଞ୍ଜ ଓ ଜଗତପୁରରେ ଅଭିଜ୍ଞ ଅଫିସର**

**୬ ନୂଆ ଏସିପିଙ୍କୁ ନେଇ ଆଇଶୃଙ୍ଖଳାର ମଙ୍ଗ ଧରିବେ ନୂଆ ଡିସିପି**



## ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରେ ପୁଷ୍ପାଭିଷେକ

**କଟକ, ୨୫।୧(ସମିସ):** ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ପକ୍ଷରୁ ମହାପ୍ରଭୁଙ୍କ ପୁଷ୍ପାଭିଷେକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ମନ୍ଦିରକୁ ପୁଷ୍ପ ଓ ଆଲୋକ ମାଳାରେ ସମ୍ପୂର୍ଣ୍ଣ ଭାବେ ସଜ୍ଜିତ କରାଯାଇଥିଲା । ମହାପ୍ରଭୁଙ୍କ ରାଜାଭିଷେକ ଦର୍ଶନ କରିବା ପାଇଁ ସନ୍ଧ୍ୟାରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା । ଏହି ଅବସରରେ ପୁରୁଣେଇ ଡ୍ୟାନ୍ସ ଗ୍ରୁପର କଳାକାରମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଗଣିତ ଭକ୍ତ, ଜନସାଧାରଣ, ମନ୍ଦିର ପରିଚାଳନା ସମିତି କର୍ମକର୍ତ୍ତା ଓ ଦଇତାପତି ସେବାୟତ ନିଯୋଗ ସଦସ୍ୟମାନେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିବାରୁ ସମିତିର କାର୍ଯ୍ୟକାରୀ ସଭାପତି ଭିକାରୀ ଦାସ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ଉପଭୋକ୍ତା-ବିକ୍ରେତା ସମାବେଶ

କଟକ, ୨୫।୧(ସମିସ): ଓରମାସର କଟକ ଶାଖା ଆନୁକୂଲ୍ୟରେ ଉପଭୋକ୍ତା-ବିକ୍ରେତା ସମାବେଶ ଆୟୋଜିତ ହୋଇଯାଇଛି । ସମାବେଶରେ ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସମେତ କଟକ ଜିଲ୍ଲାର ଉତ୍ପାଦକ ଗୋଷ୍ଠୀ ସଦସ୍ୟମାନେ ସାମିଲ ହୋଇ ମୂଳତଃ ବଜାରର ସାମର୍ଥ ଓ ବିଭିନ୍ନ ଉତ୍ପାଦର ବଜାର ଚାହିଦା ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଓ ଓରମାସର ଯୁଗ୍ମ ନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ ଯୋଗଦେଇ ଏହି କାର୍ଯ୍ୟକ୍ରମର ଦିଗ ଉପରେ ଆଲୋକପାତ କରିଥିଲେ । ଏହା ସହିତ ଏକ ଦୀର୍ଘ ମିଆଦି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଥିଲା । ଗ୍ରାମାଞ୍ଚଳର ପ୍ରସ୍ତୁତ ଦ୍ରବ୍ୟକୁ ସହରାଞ୍ଚଳରେ ବିକ୍ରୟ ନିମନ୍ତେ ନୂତନ ସୁଯୋଗ ସୃଷ୍ଟି କରିବା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ । ଗ୍ରାମାଞ୍ଚଳର ଉତ୍ପାଦିକା ଗୋଷ୍ଠୀମାନଙ୍କର ଉତ୍ପାଦିତ ସାମଗ୍ରୀକୁ ସହର, ରାଜ୍ୟ ଏବଂ ରାଜ୍ୟ ବାହାରେ ବିକ୍ରୟ ନିମନ୍ତେ ଓଡ଼ିଶାର ବୃହତ୍ କମ୍ପାନୀଙ୍କ ସହିତ ଉତ୍ପାଦିକ ଗୋଷ୍ଠୀମାନଙ୍କ ସହ ଏକ ଚୁକ୍ତି ସ୍ୱାକ୍ଷର ହୋଇଥିଲା ।

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପାଲା ମହୋତ୍ସବ ଉଦ୍‌ଯାପିତ



କଟକ, ୨୫।୧(ସମିସ): ଓଡ଼ିଶାର ସର୍ବପ୍ରାଚୀନ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ଦୁଇଦିନିଆ ପାଲା ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ପାଞ୍ଚ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ପାଲା ପରିବେଷଣ କରିଆସୁଥିବା ଗୋପବନ୍ଧୁ ନାଥଙ୍କୁ 'ଉତ୍କଳ ଗାୟକ ଗୌରବ ସମ୍ମାନ-୨୦୨୪'ରେ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ କଥାକାର ଉମାଶଙ୍କର ମିଶ୍ର ଓ ସମ୍ମାନନୀୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ କ୍ଷୀରୋଦ ରାଉତ ଯୋଗଦେଇଥିଲେ । ଏହି ସମାରୋହରେ ବିଶିଷ୍ଟ ପାଲାଗାୟିକା କନକଲତା ସାମଲ ଓ ସାଥୀ ପ୍ରସନ୍ନ ମହାରଣା, ବିଜୟ ବାରିକ, ଶଙ୍କର୍ଷଣ ସାହୁ, ନରହରି ନାୟକ, ସଚଳା ବେହେରା 'ଭକ୍ତ ଓ ଭଗବାନଙ୍କର ସମ୍ପର୍କ' ଶୀର୍ଷକ ପାଲା ପରିବେଷଣ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଗାୟକ ସାମଲ ଓ ସାଥୀମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ କୋଷାଧ୍ୟକ୍ଷ ଶିବାଶିଷ କର । ସଂଗଠନ ସମ୍ପାଦକ ଡ. ସୁନାମଣି ରାଉତ ଓ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ରାଧାଶ୍ୟାମ ରାଉଳ ମାନପତ୍ର ପାଠ କରିଥିଲେ । କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଶିଷ୍ଟ ପାଲାଗାୟକ ସୁରେନ୍ଦ୍ର ନାଥ ଛୋଟରାୟଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଅଜୟ ମହାନ୍ତି, ରଶ୍ମିରେଖା ସାହୁ ଓ ଦେବ ପ୍ରସାଦ ମିଶ୍ର ପ୍ରମୁଖ ଏହି ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

**ଗୋପବନ୍ଧୁ ନାଥଙ୍କୁ ଉତ୍କଳ ଗାୟକ ଗୌରବ ସମ୍ମାନ ପ୍ରଦାନ**

## ସହରରେ ୫୨ ପାର୍କ
## ପାର୍କିଂସ୍ଥଳ ନ ଥିବାରୁ ବଢୁଛି ଟ୍ରାଫିକ ସମସ୍ୟା

**କଟକ, ୨୫ ।୧(ସମିସ)**

ଡିଏଲ, ହେଲମେଟ, ସିଟବେଲ୍ଟ ସହ ମଦ୍ୟପ ଗାଡି ଚାଳକ ଯାଞ୍ଚ ଅଭିଯାନ ସ୍ୱାଗତଯୋଗ୍ୟ ହୋଇଥିଲେ ହେଁ ରାସ୍ତାକଡରେ ବେଧଡକ ବେଆଇନ ପାର୍କିଂ ବିରୋଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରୁ ନ ଥିବା ଜଣାପଡ଼ିଛି । କଟକ ସହରର ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥା ଯୋଗୁଁ ଜନସାଧାରଣ ହଇରାଣ ହରକତ ହେବା ସଙ୍ଗେ ସଙ୍ଗେ ସଡ଼କ ଦୁର୍ଘଟଣାମାନ ଘଟୁଛି । ସହରରେ ବେଆଇନ ପାର୍କିଂ ମଧ୍ୟ ଦୁର୍ଘଟଣାର ଅନ୍ୟତମ କାରଣ ଭାବେ ବିବେଚନା କରାଯାଉଛି । ଜାତୀୟ ରାଜପଥ ହେଉକି କଟକ ସହର ଭିତର ରାସ୍ତା ପାର୍ଶ୍ୱ, ସବୁଠି ଯାନବାହନ ଘଣ୍ଟାଘଣ୍ଟା ଧରି ବେଆଇନ ଭାବେ ପାର୍କିଂ ହେଉଥିବା ଦେଖିବାକୁ ମିଳିଛି । ମହାନଗର ନିଗମ ଅଞ୍ଚଳରେ ମୋଟ ୫୨ଟି ପାର୍କ ରହିଛି । ଏଠାରେ ସଂଧ୍ୟା ହେଲେ ପ୍ରବଳ ଗହଳି ପରିଲକ୍ଷିତ ହେଉଛି । ପାର୍କକୁ ଆସୁଥିବା ଲୋକେ ସେମାନଙ୍କ ଗାଡିମୋଟରକୁ ପାର୍କ ସମ୍ମୁଖ ରାସ୍ତା କଡରେ ରଖିବା ଯୋଗୁ ଟ୍ରାଫିକ ସମସ୍ୟା ଉପୁଜୁଛି । ଅଧିକ ଟ୍ରାଫିକ୍ ସମସ୍ୟା ଉଭୟ କାଠଯୋଡି ଓ ମହାନଦୀ ରିଂ ରୋଡ୍ ପାର୍ଶ୍ୱରେ ଦେଖିବାକୁ ମିଳୁଛି । ଶହ ଶହ ସଂଖ୍ୟାରେ ଗାଡି ପାର୍କିଂ କରୁଥିବା ଜଣାପଡ଼ିଛି । ଏପରିକି ୧୬ନଂ ଜାତୀୟ ରାଜପଥର ଶିଖରପୁର ଠାରୁ ଲିଙ୍କରୋଡ ପର୍ଯ୍ୟନ୍ତ ଭାରିଯାନ ଗୁଡିକ ରାସ୍ତା ପାର୍ଶ୍ୱରେ ଥୁଆହୋଇ ରହୁଛି । ରାତ୍ରିର ଅନ୍ଧକାରରେ ଏଭଳି ବେଆଇନ ପାର୍କିଂ ଅନ୍ୟ ଗାଡି ଗୁଡିକର ଦୁର୍ଘଟଣାର କାରଣ ପାଲଟୁଛି । ରିଙ୍ଗରୋଡ ପାର୍ଶ୍ୱରେ ରହିଥିବା ହୋଟେଲ, କଲ୍ୟାଣ ମଣ୍ଡପ, ନର୍ସିଂହୋମ, ଡାଇଗ୍ନୋଷ୍ଟିକ ସେଣ୍ଟର ପାଇଁ ବେଆଇନ ପାର୍କିଂ ଦେଖିବାକୁ ମିଳୁଛି । କଲ୍ୟାଣମଣ୍ଡପ ଅଥବା ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ସେଗୁଡିକର ୧୫ ପ୍ରତିଶତ ଅଂଶ ପାର୍କିଂ ପାଇଁ ଉନ୍ମୁକ୍ତ ରଖିବାର ନିୟମ ରହିଛି । ତେବେ ସହରରେ ପାର୍କ ଗୁଡିକ ସିଏମସି ଓ ସିଡିଏ ପକ୍ଷରୁ ବିକଶିତ କରାଯାଇଥିଲେ ମଧ୍ୟ ପାର୍କିଂ ସୁବିଧା ପ୍ରତି ଧ୍ୟାନ ଦିଆଯାଇ ନ ଥିବା ଦେଖିବାକୁ ମିଳିଛି । ଏଠାକୁ ଆସୁଥିବା ଲୋକେ ବାଧ୍ୟ ହୋଇ ଯାନବାହନ ରାସ୍ତା ଉପରେ ପାର୍କିଂ କରୁଛନ୍ତି । ସହରର ପ୍ରବେଶ ଦ୍ୱାର କୁହାଯାଉଥିବା ମଧୁପାଟଣାରୁ ବାଦାମବାଡି ରାସ୍ତା ପାର୍ଶ୍ୱରେ ଶତାଧିକ ସଂଖ୍ୟାରେ ବସ ଓ ଅନ୍ୟ ଚାରିଚକିଆ ଗାଡି ପାର୍କିଂ କରାଯାଉଥିବା ଦେଖିବାକୁ ମିଳିଛି ।

ଏହି ରାସ୍ତାରେ ଯାତ୍ରୀବାହୀ ବସ ମଧ୍ୟ ମନଇଛା ଯାତ୍ରୀଙ୍କୁ ଉଠାଇବା ସହ ଓହ୍ଲାଉଥିବା ଜଣାପଡ଼ିଛି । ବସ କେଉଁ ସ୍ଥାନରୁ ଯାତ୍ରୀ ଉଠାଇବ ଓ ଓହ୍ଲାଇବ ତାହା ନିର୍ଦ୍ଧାରଣ ହୋଇଥିଲେ ମଧ୍ୟ ଏହା ଉଲ୍ଲଙ୍ଘନ ହେଉଛି । କଟକ ଡିସିପିଙ୍କ କହିବାନୁଯାୟୀ ବେଆଇନ ପାର୍କିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏଥିପାଇଁ ନୋ ପାର୍କିଂ ଜୋନ ମଧ୍ୟ ଚିହ୍ନଟ ହୋଇଛି । ଏ ଦିଗରେ ଯାଞ୍ଚ ଅଭିଯାନକୁ କଡାକଡି କରାଯିବ ବୋଲି ସେ କହିଛନ୍ତି ।



## ଆଚିଭର୍ ପକ୍ଷରୁ 'ଜୟ ହୋ' କାର୍ଯ୍ୟକ୍ରମ

**କଟକ, ୨୫ ।୧(ସମିସ):** ଆଚିଭର୍ ତରଫରୁ 'ଜୟ ହୋ' କାର୍ଯ୍ୟକ୍ରମ ସ୍ଥାନୀୟ ସମ୍ବିତ ସେଲିବ୍ରେସନ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ସମାରୋହକୁ ବରିଷ୍ଠ ଆଇନ ବିଶାରଦ ଜୟଦେବ ପତି ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ୨୩-୨୪ବର୍ଷ ପାଇଁ ବିଶିଷ୍ଟ ଫୁଟବଲ୍ ତାରକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ । ଏହି ସମାରୋହରେ ଆଚିଭର ଅନୁଷ୍ଠାନର ଉପଦେଷ୍ଟା ସୁପ୍ରିମକୋର୍ଟର ଆଇନଜୀବୀ ପ୍ରଭୁ ପ୍ରସନ୍ନ ବେହେରାଙ୍କ ଦ୍ୱାରା ରଚିତ ମ୍ୟୁନିସପାଲ କର୍ପୋରେସନ ମାନୁଆଲ୍ ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଏହି ସମାରୋହରେ ଜୋନ୍ ୪ ଏସପି ଚନ୍ଦନ ଘଡ଼େଇ, ମଙ୍ଗଳାବାଗ ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା, କଟକ ସଦର ଥାନା ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ବେହେରା, ମାନବାଧିକାର କମିଶନ ସଦସ୍ୟ ପ୍ରଦୀପ ବେହେରା ଏବଂ କୁମାର ଲାଇଟ୍ ସାଉଣ୍ଡର ପ୍ରୋପାଇଟର ନରେନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ । ଆଚିଭର୍ ଅନୁଷ୍ଠାନର ବରିଷ୍ଠ ସଦସ୍ୟ କୀର୍ତ୍ତିରଞ୍ଜନ ପାତ୍ର, ସାରଦା ବେହେରା, ସମ୍ପାଦକ ଅମ୍ବିକା ବେହେରା, ବାସୁଦେବ ବେହେରା, କିଶୋର ବେହେରା, ଜଗନ୍ନାଥ ପ୍ରସାଦ ବେହେରା, ସନ୍ତୋଷ ସାହୁ ଏବଂ ମିଡ଼ିଆ କୋର୍ଡିନେଟର ଲକ୍ଷ୍ମୀନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




## ନିରାମୟ ଉପଦେଷ୍ଟାଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପରିଦର୍ଶନ



**କଟକ, ୨୫।୧(ସମିସ):** ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ ଗୁରୁବାର ଦିନ ଏସ୍‌ସିବି ମେଡିକାଲର ଉତ୍କୃଷ୍ଟ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପରିଦର୍ଶନ କରିଛନ୍ତି । ରୋଗୀ ଓ ସମ୍ପର୍କୀୟ ଠାରୁ ନିରାମୟ କେନ୍ଦ୍ର ସୁବିଧା ଓ ଅସୁବିଧା ସଂକ୍ରାନ୍ତରେ ପଚାରି ବୁଝିଥିଲେ । ଏହା ପରେ ଉପସ୍ଥିତ ହସ୍ପିଟାଲ ଅଧକ୍ଷଙ୍କ ସହ ସାକ୍ଷାତ କରି ଆଲୋଚନା କରିବା ସହ ନିରାମୟ କେନ୍ଦ୍ରକୁ ପ୍ରତିଦିନ ଆସୁଥିବା ରୋଗୀଙ୍କୁ କିପରି ଅଧିକ ସହଜ ଏବଂ ସୁବିଧା ଯୋଗାଇ ଦିଆଯିବ ସେ ଦିଗରେ ବରିଷ୍ଠ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ନିରାମୟ କେନ୍ଦ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ବହୁ ଗୁରୁତ୍ୱପୂର୍ଣ୍ଣ ଔଷଧ ମିଳୁଥିବାରୁ ଉପସ୍ଥିତ ରୋଗୀଙ୍କ ସମ୍ପର୍କୀୟ ଓଡ଼ିଶା ସରକାର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ।


















## ପୁଷ୍ୟାଭିଷେକ ମହୋତ୍ସବ ଆରମ୍ଭ

# ଆଲୋକମାଳାରେ ଝଲସୁଛି ଟାଙ୍ଗୀ

**ଟାଙ୍ଗୀ, ୨୫ ।୧(ସମିସ)**

କଟକ ଜିଲ୍ଲା ଟାଙ୍ଗୀର ପ୍ରସିଦ୍ଧ ପୁଷ୍ୟାଭିଷେକ ମହୋତ୍ସବ ଗୁରୁବାର ଆରମ୍ଭ ହୋଇଛି । ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ ଟାଙ୍ଗୀର ଶ୍ରୀଶ୍ରୀ ମଦନମୋହନ ଜୀଉ, ମା' ହାଟଚଉରା, ମା' ସୁବର୍ଣ୍ଣବିରାହୀ ଓ ଶ୍ରୀ ଶ୍ରୀ କୋଟେଶ୍ୱର ମହାଦେବଙ୍କ ପୀଠରେ ଅଭିଷେକ ଉତ୍ସବ ଯଥାରୀତି ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ୯ ଘଟିକାରେ କନ୍ହେଇପୁର ପଞ୍ଚାୟତ ଉଗତପୁରସ୍ଥିତ ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କ ଚଳନ୍ତି ପ୍ରତିମା ରାଧାକୃଷ୍ଣ ବିମାନ ଯୋଗେ ଶୋଭାଯାତ୍ରାରେ ଆସି ଶ୍ରୀ ଶ୍ରୀ ମଦନମୋହନ ଜୀଉଙ୍କ ଠାରୁ ଆଜ୍ଞାମାଳ ଗ୍ରହଣପରେ ମା' ହାଟଚଉରାଙ୍କ ପୀଠରେ ବିଜେ କରିଥିଲେ ।



ସ୍ଥାନୀୟ ଭଗବତୀ କଳା ନିକେତନ ଓ ୮୪ ମଣ୍ଡଳ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଶ୍ରୀଜୀଉଙ୍କ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଶତାଧିକ ବର୍ଷର ପରମ୍ପରା ଅନୁଯାୟୀ ସମସ୍ତ କାର୍ଯ୍ୟ ସମାପିତ ହୋଇଥିବାବେଳେ ମଦନମୋହନ ଡ୍ରାମାଟିକ କ୍ଲବ ପକ୍ଷରୁ ତଥା ସ୍ଥାନୀୟ କଳାକାରଙ୍କ ଦ୍ୱାରା କୃଷ୍ଣ ରସାମୃତ ରାହାସ ପରିବେଷିତ ହୋଇଥିବା ଜାଣିବାକୁ ମିଳିଛି । ଅନ୍ୟପକ୍ଷରେ ସପ୍ତମ ଦିବସୀୟ ଏହି ମହୋତ୍ସବ ଉପଲକ୍ଷେ ସମ୍ପୂର୍ଣ୍ଣ ଟାଙ୍ଗୀ ଆଲୋକ ଓ ତୋରଣରେ ସଜାଇ ହୋଇଛି । ମଦନମୋହନ ସାହି, ହାଟସାହି, କୋଟସାହି ଓ ମଠସାହି ମଞ୍ଚରେ ଓଡ଼ିଶାର ସୁନାମଧନ୍ୟ ୪ଟି ଅପେରା ଦଳ ୪ ରାତି ଲେଖାଏଁ ଅପେରା ପରିବେଷଣ କରିବେ ବୋଲି ଜାଣିବାକୁ ମିଳିଛି ।

## ନବଜାତ ଶିଶୁକନ୍ୟା ଉଦ୍ଧାର

**ଟାଙ୍ଗୀ, ୨୫ ।୧(ସମିସ):** ଗୁରୁବାର ମଧ୍ୟାହ୍ନରେ ୧୬ନଂ ଜାତୀୟ ରାଜପଥ ଟାଙ୍ଗୀ ଥାନା ବଇଁତୁଆ ଛକ ନିକଟବର୍ତ୍ତୀ ଅଞ୍ଚଳରୁ ଏକ ନବଜାତ ଶିଶୁକନ୍ୟା ଉଦ୍ଧାର କରାଯାଇଛି । ରାଜପଥ ପେଟ୍ରୋଲିଂ ପୁଲିସ ଶିଶୁଟିକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଛନ୍ତି । ତେବେ ମୃତ ଶିଶୁର ପିତାମାତାଙ୍କ ଠିକଣା ମିଳି ନ ଥିବା ଜାଣିବାକୁ ମିଳିଛି ।

## ମଦ ସହିତ ସ୍କୁଟି ଜବତ

**ଆଠଗଡ଼, ୨୫।୧(ସମିସ):** ଆଜି ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଘଣ୍ଟିଖାଲ ନିକଟରୁ ଏକ ସ୍କୁଟିରେ ଚାଲାଣ ହେଉଥିବା ୭୨ ଲିଟର ଚୋରା ଦେଶୀ ରନ୍ଧା ମଦ ଜବତ କରିବା ସହିତ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ କଟକ ବକ୍ସିବଜାର ଅଞ୍ଚଳର ପଲାସ କୁମାର ସିହ୍ନା (୪୮) । ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




**ଟାଙ୍ଗୀ, ୨୫ ।୧(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ନିର୍ଗୁଣ୍ଡି ଠାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଦିଶକ୍ତି ଯୁବ ପରିଷଦ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି । ପରିଷଦର ଉପସଭାପତି ଡ.ପ୍ରଣବାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ଥାନାଧିକାରୀ ସମରେନ୍ଦ୍ର ପାଇକରାୟ, ଏସଜିଇପିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ ନାୟକ, ଅବସରପ୍ରାପ୍ତ ବରିଷ୍ଠ ପୁଲିସ ଅଧିକାରୀ ବିଜୟ ସାହୁ, ଅନ୍ତର୍ଜାତୀୟ ମାନବାଧିକାର ପରିଷଦ ସଭାପତି ସସ୍ମିତା ଦାସ, ସମାଜସେବୀ ପ୍ରଭାତ ଜେନା ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ । ସଂଗଠନର ଉପଦେଷ୍ଟା ଅଭିଳାଷ ଚନ୍ଦ୍ର ସାହୁ ଏବଂ ବିଭୂତି ଭୂଷଣ ସାହୁ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଯୁବ ପରିଷଦର ସମ୍ପାଦକ ନାରାୟଣ ବିଶ୍ୱାଳ, ସଦସ୍ୟ ସଚିତ୍ରା ନନ୍ଦ ରାଉତ, ବଲ୍ଲଭ ସ୍ୱାଇଁ, ସଞ୍ଜୀବ ଜେନା, ଦୀପକ୍ ଖୁଣ୍ଟିଆ, ହରେକୃଷ୍ଣ ସାହୁ, ରତ୍ନାକର ନାୟକ, ମାନସ ସାହୁ, ଦୀପକ ସାହୁ, ରଞ୍ଜନ ବେହେରା, ବିଷ୍ଣୁ ରାଉତଙ୍କ ସମେତ ଟାଙ୍ଗି ଥାନା ଏବଂ ଏସଜିପିଏଲର କର୍ମଚାରୀମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

## ୪୬ଗ୍ରାମ୍ ବ୍ରାଉନସୁଗର ଜବତ, ଜଣେ ଗିରଫ



**ବାଙ୍କୀ/ଆଠଗଡ଼, ୨୫।୧(ସମିସ):** ଡମପଡ଼ା ଜଗନ୍ନାଥ ମନ୍ଦିର ଛକ ନିକଟରୁ ଆଠଗଡ଼ ଅବକାରୀ ବିଭାଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପ୍ରମୋଦ ପଣ୍ଡାଙ୍କ ପକ୍ଷରୁ ସ୍ୱତନ୍ତ୍ର ଏକ ଟିମ୍ ଗଠନ କରାଯାଇ ଧଳାଜହର ବ୍ୟବସାୟୀଙ୍କ ଉପରେ ଚଢ଼ଉ କରାଯାଇଥିଲା । ଘଟଣାସ୍ଥଳରୁ ଡମପଡ଼ା ଅଞ୍ଚଳର ବ୍ୟବାସାୟୀ ସୁଧିର ରଞ୍ଜୀନ ମହାନ୍ତିଙ୍କ ଠାରୁ ୪୬ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି । ତାଙ୍କୁ ଗିରଫ କରାଯାଇ ଆଠଗଡ଼ ଅବକାରୀ ମୁଖ୍ୟ କାର୍ଯ୍ୟାଳୟକୁ ନିଆଯାଇଛି । ଏହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା ହେବ ବୋଲି ବିଭାଗୀୟ ଅଧିକାରୀ ପ୍ରମୋଦ ପଣ୍ଡା ସୂଚନା ଦେଇଛନ୍ତି । ଅବକାରୀ ବିଭାଗର କର୍ମଚାରୀ ଗ୍ରାହକ ସାଜି ଧଳଜହର କିଣିବାକୁ ଯାଇ ଅଭିଯୁକ୍ତ ସୁଧୀର ରଞ୍ଜୀନଙ୍କୁ କାବୁ କରିବାରେ ସଫଳ ହୋଇଥିଲେ ।









ସକାଳ THE SAKALA



## ଭାଷା ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ



**ନିଶ୍ଚିନ୍ତକୋଇଲି, ୨୫।୧(ସମିସ):** ଖଣ୍ଡାୟତ ପଟକିରା ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ଜମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱାଗତିକା ଲେଙ୍କାଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ସରପଞ୍ଚ ବନ୍ଦନାମୟୀ ତ୍ରିପାଠୀ, ସମ୍ମାନୀତ ଅତିଥି ଭାବେ ସିଆରସିସି ପ୍ରଭାତ ବେହେରା, କମିଟିର ସଭାପତି ନରହରି ସାହୁ, ପ୍ରଫୁଲ୍ଲ ସାହୁ, ସମାଜସେବୀ ଆଶୁତୋଷ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନବମ ଓ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ୪ଟି କ୍ଲବରେ ବିଭକ୍ତ କରାଯାଇ ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ, କ୍ରୀଡ଼ାଙ୍ଗନା ଗଠନ କରାଯାଇଥିଲା। ଏଥିରେ ଛାତ୍ର ଛାତ୍ରୀମାନେ ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ କରିଥିଲା ବେଳେ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ କୁନାଳଚନ୍ଦ୍ର ପରିଡ଼ା, ଲିୟାକୁଦ୍ଦିନ୍ ଖାଁ, କ୍ଷଣପ୍ରଭା ନାୟକ, ସୋନାଲି ବେହେରା, ଅଜୟ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଞ୍ଚାୟତସ୍ତରୀୟ ଜନସଚେତନତା ଶିବିର



**ବାଙ୍କୀ, ୨୫।୧(ସମିସ):** ରାଜ୍ୟ ସରକାରଙ୍କ ସମସ୍ତ ଜନହିତକର ଯୋଜନାର ସଫଳ ରୂପାୟନ ସମ୍ପର୍କୀତ ପଞ୍ଚାୟତସ୍ତରୀୟ ଜନସଚେତନତା ଶିବିର ବାଙ୍କୀ ବ୍ଲକ ଅନ୍ତର୍ଗତ ଓସ୍ତିଆ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଆର୍ତ୍ତବନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ଜିଲ୍ଲାପରିଷଦ ସଭ୍ୟ ରଶ୍ମିରେଖା ପଣ୍ଡା, ମିଶନ୍ ଶକ୍ତି ସଭାନେତ୍ରୀ ମମତା ବେହେରା, ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳକ ମାନଭଞ୍ଜନ ଦଳେଇ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ଅନୁଧ୍ୟାନ କରିଥିଲେ। ଉଦ୍ୟାନ ବିଭାଗ କର୍ମଚାରୀ ଦୋଳଗୋବିନ୍ଦ ଜେନା, କୃଷି ବିଭାଗ କର୍ମଚାରୀ ରାଜେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ଜିଆର୍‌ଏସ୍ ହୃଦାନନ୍ଦ ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସବିତା ଦେହୁରୀ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ଅର୍କତୀର୍ଥ ଆଶ୍ରମରେ ପୁଷ୍ୟାଭିଷେକ



**ନିଆଳି, ୨୫।୧(ସମିସ):** ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ ନିଆଳି ବ୍ଲକ ଅନ୍ତର୍ଗତ ନୂଆଗାଁ ସ୍ଥିତ ପ୍ରାଚୀ ତଟ ଅର୍କତୀର୍ଥ ଆଶ୍ରମରେ ପୁଷ୍ୟାଭିଷେକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ପୌଷ ପୂର୍ଣ୍ଣିମା ପାଳନ ଅବସରରେ ଛତିଆବଟର ମଣିମା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଶ୍ରମର ବାବା ବିଶ୍ୱମ୍ବର ଦାସ ପରିଚାଳନା କରିଥିବା ବେଳେ ଆଶ୍ରମର ଶିଷ୍ୟ, ଶିଷ୍ୟା, ଅର୍କତୀର୍ଥ ବିକାଶ ସମିତି ଓ ଅର୍କବଟ ଗୋସ୍ୱାମୀ ଟ୍ରଷ୍ଟର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

### କେନାଲ ପାଣିର ସୁବିନିଯୋଗ ଓ ସୁପରିଚାଳନା

# କଟକ ଜିଲ୍ଲାରେ ପଲ୍ଲିଶ୍ରୀ ପାଣି ପଞ୍ଚାୟତ ପ୍ରଥମ

**ଫୁଲନଖରା, ୨୫।୧(ସମିସ)**

କଟକ ଜିଲ୍ଲା ପାଣିପଞ୍ଚାୟତ ପାଳନ ପକ୍ଷ ଅବସରରେ ଜିଲ୍ଲାରେ ଥିବା ସମସ୍ତ ପାଣି ପଞ୍ଚାୟତଙ୍କ ମଧ୍ୟରେ ଦକ୍ଷିଣ ଉଷୁମାର ପଲ୍ଲୀଶ୍ରୀ ପାଣି ପଞ୍ଚାୟତ ପ୍ରଥମ ପୁରସ୍କାର ପାଇଛି। ଯେଉଁ ପାଣି ପଞ୍ଚାୟତ କୃଷି ଓ କୃଷକଙ୍କର ହିତ ପାଇଁ ଯଥା କେନାଲ ପାଣିର ସୁବିନିଯୋଗ ଓ ସୁପରିଚାଳନା ନିମନ୍ତେ କାଡା ନିର୍ମାଣ କରି କୃଷକଙ୍କ କ୍ଷେତକୁ ପାଣି ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ସେହିଭଳି ଏକ ପାଣିପଞ୍ଚାୟତକୁ ଅଧିକାରୀମାନେ ଚୟନ କରି ଜିଲ୍ଲାରେ ପ୍ରଥମ ପୁରସ୍କାର ପ୍ରଦାନ କରିଥାନ୍ତି। କଟକ ଜିଲ୍ଲାରେ ପ୍ରତାପନଗରୀ ଜଳସେଚନ ଉପଖଣ୍ଡ ଅନ୍ତର୍ଗତ ଦକ୍ଷିଣ ଉଷୁମାର ଏମ୍‌ଏଏଚ୍-ଏକେଏ ୪ନଂ ପଲ୍ଲିଶ୍ରୀ ପାଣି ପଞ୍ଚାୟତ ଜିଲ୍ଲାର ସର୍ବୋତ୍କୃଷ୍ଟ ହେବା ସହ ସଭାପତି ଅଶୋକ ଦାସ ଅତିଥିଙ୍କ ଠାରୁ ମାନପତ୍ର ସହିତ ୧୦ ହଜାର ଟଙ୍କାର ଆର୍ଥିକ ରାଶି ଗ୍ରହଣ କରିଛନ୍ତି। ପୂର୍ବାଞ୍ଚଳ ମଣ୍ଡଳ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଆର୍ତ୍ତତ୍ରାଣ ସାହୁ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ନିଆଳି ବିଧାୟକ ପ୍ରଫେସର ଡା. ପ୍ରମୋଦ କୁମାର ମଲ୍ଲିକ, ୱାଲମି ମୁଖ୍ୟ ସଂଯୋଜକ ପ୍ରଫେସର ସୁଧନ୍ୟ ଚନ୍ଦ୍ର ପାତ୍ର ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବରେ ପ୍ରାଚୀ ଅଧୀକ୍ଷଣ ଯନ୍ତ୍ରୀ ରଘୁନାଥ ସ୍ୱାଇଁ, ମହାନଦୀ ଉତ୍ତର ଡିଭିଜନର ସନ୍ଦୀପ କୁମାର, ବ୍ୟାରେଜ୍ ଡିଭିଜନ୍‌ର ବିଜୟ ସେଠୀ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ପୁରସ୍କାର ପାଇବା ପରେ ଏହି ପାଣିପଞ୍ଚାୟତ ଅଧୀନରେ ଥିବା ସମସ୍ତ ଚାଷୀ ଖୁସି ବ୍ୟକ୍ତ କରିଛନ୍ତି।



## ନବ ସରସ୍ୱତୀ ସ୍ମୃତି ସମ୍ମାନ ପ୍ରଦାନ ଓ ବାର୍ଷିକ ଉତ୍ସବ

**ନିଶ୍ଚିନ୍ତକୋଇଲି,୨୫।୧(ସମିସ):** ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ କାର୍ଯ୍ୟାଳୟରେ ସୁକରପଡ଼ା ଠାରେ ଥିବା ନବ ସରସ୍ୱତୀ ସ୍ମୃତି ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ଉତ୍କଳ ଜ୍ୟୋତି ରଘୁନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କର କୋଷାଗାର ପରିଦର୍ଶନ ଓ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ବେହେରା, ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶାରଦାପ୍ରସାଦ ମିଶ୍ର, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ଭାବଗ୍ରାହୀ ରାଉତ, ସାହିତ୍ୟ ସ୍ୱରର ସମ୍ପାଦକ ଜୟରାମ ସାହୁ, କବି ସୁରଥ ରାଉତ, ତନ୍ମୟକିଶୋର ଦାସ, ସ୍ମୃତିରଞ୍ଜନ ଶତପଥୀ, କୃଷ୍ଣଚନ୍ଦ୍ର ନାୟକ, ଶିକ୍ଷାବିତ୍ ପ୍ରସନ୍ନ ଦାସ, ପରିବେଶବିତ୍ ପ୍ରମୋଦ ଦାଶ, କେଦାରନାଥ ସାହୁ, ସଚ୍ଚିଦାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଉପସଭାପତି ଦେବପ୍ରସାଦ କର ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ସମ୍ପାଦକ ଯୁବ କବି କ୍ଷୀରୋଦ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପିପି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ସ୍ୱାଧୀନାନନ୍ଦ ପରିଡ଼ା, ପ୍ରାକ୍ତନ ପ୍ରଧାନଶିକ୍ଷକ ବଳରାମ ପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଶତପଥୀଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇ ନବ ସରସ୍ୱତୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଉପଦେଷ୍ଟା କବି ସଚ୍ଚିଦାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ନିଆଳି ବିଜେଡିର ମିଶ୍ରଣ ପର୍ବ

**ନିଆଳି, ୨୫।୧(ସମିସ):** ଏହି ବ୍ଲକ ଅନ୍ତର୍ଗତ ବାହାରଣା ପଞ୍ଚାୟତ ଅଠାନ୍ତର ଠାରେ ନିଆଳି ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେଡି ସଭାପତି ସୌଲେନ୍ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବାହାରଣାର ସରପଞ୍ଚ ବିଜୟରାମ ପଣ୍ଡାଙ୍କ ନେତୃତ୍ୱରେ ବହୁ ଅନ୍ୟ ଦଳର କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ମୁଖ୍ୟଅତିଥି ଭାବେ ନିଆଳି ବିଧାୟକ ତଥା କଟକ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ ଦଳରେ ସାମିଲ ହୋଇଥିବା ଅନ୍ୟଦଳର କର୍ମୀଙ୍କୁ ବିଜୁ ଜନତା ଦଳ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ଅନ୍ୟତମ ଅତିଥି ଭାବେ ବାହାରଣା ପଞ୍ଚାୟତର ସମିତିସଭ୍ୟ ଅବିନାଶ ପ୍ରଧାନ, କସର୍ଦ୍ଦା ସରପଞ୍ଚ ସୁରେଶ ପଟ୍ଟନାୟକ, ରାଣିଓଲା ସରପଞ୍ଚ ତ୍ରିନାଥ ମହାନ୍ତି, ପ୍ରଭାକର ପରିଡ଼ା, ମିଲୁ ବେହେରା, ସୁବାସ ମଲ୍ଲିକ, ବିଜେଡି ଛାତ୍ର ସଭାପତି ଅଜୟ ସ୍ୱାଇଁ, ସତ୍ୟଜିତ୍ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



## ରାଷ୍ଟ୍ରୀୟ ମତଦାତା ଦିବସ

**ବାଙ୍କୀ, ୨୫।୧(ସମିସ):** ଆଜି ବାଙ୍କୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୧୪ତମ ରାଷ୍ଟ୍ରୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ବାଙ୍କୀ ଉପଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ 'ମତଦାନ ପରି ଆଉ କିଛି ନାହିଁ ଏବଂ ମୁଁ ନିଶ୍ଚିତ ଭୋଟ ଦେବି' ଶପଥ ପାଠ କରାଇଥିଲେ ଏବଂ ବାଙ୍କୀ ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟରମାନଙ୍କୁ ଶୁଭେଚ୍ଛା ଜଣାଇ ଆସନ୍ତା ନିର୍ବାଚନରେ ମତଦାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ସୁନମ ପ୍ରିୟଦର୍ଶିନୀ, ସହକାରୀ ଜିଲ୍ଲାପାଳ, ଡେପୁଟି କଲେକ୍ଟର, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ସୂର୍ଯ୍ୟନାରାୟଣ ମିଶ୍ର, ଜୟନ୍ତୀ ରାଉତ ଏବଂ ବାଙ୍କୀ ତହସିଲ୍ କାର୍ଯ୍ୟାଳୟ ପ୍ରଦୀପ ଜେନା, ଗିରିଜା ଶଙ୍କର ସିଂ, ଦୀପ୍ତିମୟୀ ରାଉତ, ସୌମ୍ୟରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



## ନରସିଂହପୁର କପ୍: ଝାଡଖଣ୍ଡର ଦେଓଗଡ଼ ଦଳ ବିଜୟୀ



**ନରସିଂହପୁର, ୨୫।୧(ସମିସ):** ନରସିଂହପୁର ବ୍ଲକରେ ଚାଲିଥିବା ନରସିଂହପୁର କପ୍‌ର ଚତୁର୍ଥ ଲିଗ ମ୍ୟାଚରେ ପୁରୀର ସୋବର୍ସ ଟିମକୁ ହରାଇ ଝାଡଖଣ୍ଡର ଦେଓଗଡ୍ ଦଳ ବିଜୟ ଲାଭ କରିଛି। ସରଧାପୁର୍ ପଞ୍ଚାୟତର ସରପଞ୍ଚ ଲିଟୁ ବରାଡ, ଓଡ଼ିଶିଙ୍ଗା ସରପଞ୍ଚଙ୍କ ପ୍ରତିନିଧି ଲିଟୁ ଭୋଇ, ନୂଆଗାଁ ବାଲିସାହି ସରପଞ୍ଚଙ୍କ ପ୍ରତିନିଧି ଲିଟୁ ସେଠୀ, ୧୭ନଂ ଜୋନର ଜିଲ୍ଲା ପରିଷଦ ମେଘନାଥ ପାତ୍ର, ସମାଜସେବୀ ପ୍ରମୋଦ ସାହୁ ଏବଂ ଅଖିଳ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମ୍ୟାଚ୍‌କୁ ଦ୍ୱିଜେନ୍ଦ୍ର ଘୋଷ ଓ ଦୁର୍ଗା ପଟ୍ଟନାୟକ ପରିଚାଳନା କରିଥିବାବେଳେ ସଂଗ୍ରାମ କେଶରୀ ରାଉତ ଓ ମହମ୍ମଦ ଆଜାରୁଦ୍ଦିନ୍ ସ୍କୋରିଂରେ ସାହାଯ୍ୟ କରିଥିଲେ। ରିଙ୍କୁ ରଣା, କାହ୍ନୁ ଚରଣ ନାୟକ ମ୍ୟାଚର ଧାରାବିବରଣୀ ଦେଇଥିବା ବେଳେ ବିନାୟକ ପ୍ରଧାନ, ଶେଖ ସବିବ, ହରୁନ୍ ଖାଁ, ଦୌଲତ ଖାଁ, ଗଙ୍ଗା ନାୟକ, ଅକ୍ଷୟ ସାହୁ, ମାଗବୁଲ ଖାଁ, ରମିଜ୍ ଖାଁ, ବନିଲ୍ ସାହୁ, ରାକେଶ ନାୟକ, ପୁପୁନ ସ୍ୱାଇଁ, ରାଜା ମ୍ୟାଚ୍ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ 'ନୂଆ-ଓ' କାର୍ଯ୍ୟକ୍ରମ

### ● କନ୍ଦରପୁର କଲେଜ

**କଟକ, ୨୫।୧(ସମିସ):** ରାଜ୍ୟ ସରକାରଙ୍କ 'ନୂଆ-ଓ' କାର୍ଯ୍ୟକ୍ରମ ଆଧାରରେ କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜର ଓଡ଼ିଆ ବିଭାଗ ପକ୍ଷରୁ 'ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି' ଶୀର୍ଷକ ଆଲୋଚନଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ପ୍ରଫୁଲ୍ଲ କୁମାର ଦାସ ଯୋଗଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ବିଷ୍ଣୁପ୍ରିୟା ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ କଲେଜ ଅଧ୍ୟକ୍ଷା ପ୍ରାଧ୍ୟାପିକା ପ୍ରଣତି ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ଡ. ସ୍ମିତା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଏହି ଆଲୋଚନା ଚକ୍ର ସଭାକୁ ଅଧ୍ୟାପିକା ଡ. ନମିତା ପଟ୍ଟନାୟକ ପରିଚାଳନା କରିଥିବା ବେଳେ, ଅଧ୍ୟାପିକା ଶୁଭସ୍ମିତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ନୋଡାଲ ଅଫିସର ଅଧ୍ୟାପିକା ବିଶ୍ୱକଲ୍ୟାଣୀ ବେହେରା, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ବେଉରିଆ, ଅଧ୍ୟାପିକା ଦୀପାଳି ରାଉତ, ଅଧ୍ୟାପିକା ରଜେଶ୍ୱରୀ ସେଠୀ, ଅଧ୍ୟାପକ ଏସ. ଚକ୍ରବର୍ତ୍ତୀ, ଅଧ୍ୟାପକ ସିଦ୍ଧାନ୍ତ ଶେଖର ବିଷୋୟୀ, ଦିବ୍ୟଜ୍ୟୋତି ସାହୁ, ସଂଗ୍ରାମ ବେହେରା, ଜିତେନ୍ଦ୍ର ସାହୁ, ସଞ୍ଜୟ ସାହୁଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।




### ● ବ୍ରାହ୍ମଣଝରିଲୋ କଲେଜ

**ଫୁଲନଖରା :** କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ ଉଭୟ +୨ ଓ +୩ ଆନୁକୂଲ୍ୟରେ ବିଶ୍ୱ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ଉଦ୍‌ଘାଟନ ପରିପ୍ରେକ୍ଷୀରେ ଓଡ଼ିଆ ଭାଷା ସାହିତ୍ୟ ଉପରେ ବିଭିନ୍ନ ଆଲୋଚନା ଚକ୍ର ଓ ପ୍ରତିଯୋଗିତା ହେବା ସହ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଧାଂଶୁ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଯୁଧିଷ୍ଠିର ଖଟୁଆ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ମହାବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ଓ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। +୩ ନୋଡାଲ ଅଫିସର ପ୍ରାଧ୍ୟାପକ ସମୀର ରାଉତ କାର୍ଯ୍ୟକ୍ରମ ସଂପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିବା ବେଳେ +୨ ଅଧ୍ୟାପିକା ସବିତା ବେହେରା 'ନୂଆ-ଓ' କାର୍ଯ୍ୟକ୍ରମର ପୂର୍ଣ୍ଣାଙ୍ଗ ବିବରଣୀ ପାଠ କରିଥିଲେ।



### ● ପୁଷ୍ପଗିରି ମହାବିଦ୍ୟାଳୟ

**ମାହାଙ୍ଗା :** ମାହାଙ୍ଗା ବ୍ଲକ ଏରକଣା ସ୍ଥିତ ମାହାଙ୍ଗା ପୁଷ୍ପଗିରି ବିଦ୍ୟାଳୟରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପସାର ପରିପ୍ରେକ୍ଷୀରେ ନୂଆ-ଓ ଓଡିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହୁରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟାପକ ସୁଧାଂଶୁ ଶେଖର ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ପରିସୀମା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଲକ୍ଷ୍ମଣ ଦାସ, ମୁଖ୍ୟବକ୍ତା ଅଧ୍ୟାପକ ଡ. ମନୋରଞ୍ଜନ ବେହୁରା, ସମ୍ମାନିତ ବକ୍ତା ଭାବେ ଡ. ଜୟରାମ ସ୍ୱାଇଁ, ମୁଖ୍ୟ ନୋଡାଲ ଅଫିସର ଅଧ୍ୟାପକ ପ୍ରଭାତ ଆଚାର୍ଯ୍ୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ତୁଳସୀ ରାଉତ, ଜ୍ଞାନ ରଞ୍ଜନ ଶତପଥୀ, ଅଶୋକ ଖଟୁଆ, ଭାନୁମତୀ ବାରିକ, ମାନିନୀ ମିଶ୍ର, ତାରାକାନ୍ତ ପ୍ରଧାନ, ନିତ୍ୟାନନ୍ଦ ସାମଲ, ବନିତା ଭୂୟାଁ, ଗଗନ ପୃଷ୍ଟି, ଡମ୍ବରୁ ସାହୁ, ଦିଲ୍ଲୀପ ସାହୁ, ମଧୁସ୍ମିତା ସାମଲ ପରିଚାଳନାରେ ସହଯୋଗ କରିଥିଲେ।

### ● ଚୌଦ୍ୱାର ମହିଳା ମହାବିଦ୍ୟାଳୟ

**ଚୌଦ୍ୱାର :** ଚୌଦ୍ୱାର ମହିଳା ମହାବିଦ୍ୟାଳୟରେ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଗତ ୧୯ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମହାବିଦ୍ୟାଳୟର ଛାତ୍ରୀଙ୍କ ମଧ୍ୟରେ ଜଗନ୍ନାଥ ସଂସ୍କୃତି ଉପରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଧାୟକ ସୌଭିକ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ମହାନ୍ତିଙ୍କ ପୌରୋହିତ୍ୟରେ ଗୁରୁବାର ଦିନ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ଓ ବିଜେଡି ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଅଧ୍ୟାପିକା ଜ୍ୟୋସ୍ନାରାଣୀ ଚୌଧୁରୀ, ମମତା ମିଶ୍ର, ଡ. ଇନ୍ଦିରା ସାମନ୍ତରାୟ, ସୁନନ୍ଦା ମହାନ୍ତି, ଦିପାନ୍ୱିତା ମହାନ୍ତି, ରେଣୁବାଳା ମହାରଣା, ମମତା ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ମଙ୍ଗରାଜ, ଅଞ୍ଜଳିବାଳା ସ୍ୱାଇଁଙ୍କ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




### ● ଅଂଶୁପା ଡିଗ୍ରୀ ମହାବିଦ୍ୟାଳୟ

**ବାଙ୍କୀ :** ଅଂଶୁପା ଡିଗ୍ରୀ ମହାବିଦ୍ୟାଳୟ ନୂଆ-ଓ କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଓ ଆଲୋଚନାଚକ୍ରର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଧରଣୀଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଦନପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାଶ ମୁଖ୍ୟଅତିଥି, ଗୁଜୁରାଟ ବରୋଦା ଓଡ଼ିଆ ସମାଜ ସମ୍ପାଦିକା ଲକ୍ଷ୍ମୀପ୍ରିୟା ଓଝା, ପ୍ରାଧ୍ୟାପିକା ସୁରଜିତା ସ୍ୱାଇଁ, ପ୍ରିୟମ୍ବଦା ଚୌଧୁରୀ, ଅଧ୍ୟାପକ ବିକାଶ ଚନ୍ଦ୍ର ରାଉତ, ସଞ୍ଜୟ ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ। କର୍ମଚାରୀ ଶମ୍ଭୁନାଥ ସାହୁ ଜଗନ୍ନାଥ ସଂସ୍କୃତି ଉପରେ ଉଦ୍‌ବୋଧନ ଦେବା ସହ ଜଗନ୍ନାଥଙ୍କ ଭଜନ ଗାନ କରିଥିଲେ। ମୁଖ୍ୟଅତିଥି ଶ୍ରୀ ଦାସ ଓ ସମ୍ମାନୀତ ଅତିଥି ଶ୍ରୀମତୀ ଓଝା ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରାଧ୍ୟାପିକା ଅନୁପମ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମନୋରଞ୍ଜନ ବେହେରା ସହଯୋଗ କରିଥିଲେ।



### ● ବାଙ୍କୀ କଲେଜ

**ବାଙ୍କୀ :** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉଦ୍‌ଯାପନୀ ଦିବସରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ପରିପ୍ରେକ୍ଷୀରେ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ସଂପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟର ବିଭାଗୀୟ ମୁଖ୍ୟ ଡ. ସନ୍ତୋଷ କୁମାର ପଣ୍ଡା ଏହି ଆଲୋଚନା ଚକ୍ରରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଲୋଚକ, ଭଞ୍ଜ ସାହିତ୍ୟର ବିଶାରଦ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ବାଉରୀବନ୍ଧୁ ସାହୁ, ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତିର ଗବେଷକ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ପ୍ରାପ୍ତ କବି ଓ ଅବସରପ୍ରାପ୍ତ ପ୍ରଶାସକ ଡ. ଅଲେଖ ଚନ୍ଦ୍ର ପଢ଼ିହାରୀ, ସମ୍ମାନୀତ ଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଓ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗଦେଇଥିଲେ। ଅଧ୍ୟାପକ ଡକ୍ଟର ବୈରାଗୀ ଚରଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ, ଅଧ୍ୟାପିକା ସରସ୍ୱତୀ ଦେଉରୀ, ଅଧ୍ୟାପକ ଚିନ୍ମୟ ତ୍ରିପାଠୀ, ଅଧ୍ୟାପକ ମହାଦେବ ପ୍ରଧାନ, ଡ. ସସ୍ମିତା ଦାସ, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ଅଧ୍ୟାପକ ଅନୀଲ୍ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରକାଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



### ● କଳିଙ୍ଗ ଉଚ୍ଚ ମାଧ୍ୟମିକ ମହିଳା ମହାବିଦ୍ୟାଳୟ

**ତିଗିରିଆ :** ତିଗିରିଆ ବ୍ଲକ ନିଜିଗଡ଼ସ୍ଥିତ କଳିଙ୍ଗ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟ ପରିସରରେ ବୁଧବାର ରାଜ୍ୟ ସରକାରଙ୍କ 'ନୂଆ-ଓ' ଓଡିଆ ସାହିତ୍ୟ ଭାଷା ପ୍ରତିଯୋଗିତା ମାଧ୍ୟମରେ ଓଡିଆ କଳା, ସଂସ୍କୃତି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା କୁକୁମିତା ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଆ ବିଭାଗ ସହ ପ୍ରାଧ୍ୟାପିକା ଡ. ହେନେରିତା ମିଶ୍ର ମୁଖ୍ୟଅତିଥି ରୂପେ ଯୋଗଦେଇଥିବା ବେଳେ ତିଗିରିଆସ୍ଥିତ ଶ୍ରୀ ପ୍ରସନ୍ନମଣୀ ବିଜେ ମନ୍ଦିରର ପରିଚାଳନା କମିଟି ଟ୍ରଷ୍ଟି ତଥା ଆଇନଜୀବୀ ଲଳିତକୃଷ୍ଣ ଦାସ ଯୋଗଦେଇଥିଲେ। ଅଧ୍ୟାପକ ଗଣେଶ୍ୱର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ନୂଆ-ଓ ସାହିତ୍ୟ ଭାଷା ପ୍ରତିଯୋଗିତାର ନୋଡାଲ ଅଫିସର ଅଧ୍ୟାପିକା ପୁଷ୍ପଲତା ଷଡଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ।



